# PRESS CLIPINGS

NEWS PAPER ସମୟ (SAMAYA) DATE ୧୨

୫-୧-୨୦୧୭, ଗୁରୁବାର, ଭୁବନେଶ୍ୱର

## ୧୨ ରୁ ଜାତୀୟ ଗୋଁଣ୍ଡ ମହାସଭା

## ଓଡ଼ିଆ କଣ୍ଠଶିଳ୍ପୀ ଭବାନୀ ଶଙ୍କରଙ୍କୁ ଜାତୀୟ ସମ୍ମାନ

**ଭୁବନେଶ୍ୱର, (ସବ୍ୟୁ) :** ଅଖିଳ ଭାରତୀୟ ଗୋଁଣ୍ଡଓ୍ୱାନା ଗୋଁଣ୍ଡ ମହାସଭା ପ୪ରୁ ତ୍ରି ଦିବସୀୟ ରାଷ୍ଟ୍ରୀୟ ମହାଧିବେଶନ ଆସନ୍ତା ୧୨ତାରିଖରୁ କର୍ଣ୍ଣାଟକର ରାୟଚୁର ଜିଲ୍ଲା ଅନ୍ତର୍ଗତ କନକ ଗୁରୁ ପୀଠରେ ଅନୁଷ୍ଠିତ ହେବ । ଏହି ମହାଧିବେଶନରେ ସମଗ୍ର ଦେଶରୁ ପ୍ରାୟ ୧୦ଲକ୍ଷ ଗୋଁଣ୍ଡ ସମ୍ପ୍ରଦାୟ ଲୋକ ଯୋଗ ଦେଉଥିଲାବେଳେ ଓଡ଼ିଶାରୁ ପାଞ୍ଚ ହଜାରରୁ ଅଧିକ ଲୋକ ଯୋଗ ଦେବେ । ଏହି ଅବସରରେ ଓଡ଼ିଆ ଲୋକ ସଙ୍ଗୀତ ସୁନାମ ଧନ୍ୟ କଣ୍ଠ ଶିଳ୍ପୀ ଭବାନୀ ଶଙ୍କରଙ୍କୁ ମହାରାଜା ଚକ୍ରଧର ସିଂହ ପୋର୍ତେ ଜାତୀୟ ସମ୍ମାନରେ ସମ୍ମାନିତ କରାଯିବ । ଏହି ସୂଚନା ଦେଇଛନ୍ତି ମହାସଭାର ଓଡ଼ିଶା ପ୍ରଦେଶ ଅଧ୍ୟକ୍ଷ ମହେନ୍ଦ୍ର ନାଏକ । ଗଣମାଧ୍ୟମ ପ୍ରତିନିଧିଙ୍କୁ ଶ୍ରୀ ନାଏକ କହିଥିଲେ ସର୍ବ ଭାରତୀୟ ସ୍ତରରେ ପ୍ରାୟ ଅଢ଼େଇ କୋଟିରୁ ଅଧିକ ଗୋଁଣ୍ଡ ସମ୍ପ୍ରଦାୟ ଲୋକ ବସବାସ କରୁଛନ୍ତି । ଓଡ଼ିଶାରେ ମଧ୍ୟ ପ୍ରାୟ ୨୫ଲକ୍ଷ ଲୋକ କୋଡିଏଟି ଜିଲ୍ଲାରେ ବସବାସ କରୁଛନ୍ତି । ଏହି ପ୍ରାଚୀନ ଆଦିବାସୀ ଲୋକେ ନାନା ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି । ଏମାନେ ନିଜର ହକ୍ ପାଇଁ ପ୍ରତି ବର୍ଷ ଏକ ଜାତୀୟ ମହାଧିବେଶନ ଜରିଆରେ ଏକାଠି ହୋଇଥାନ୍ତି । ଚଳିତବର୍ଷ ମଧ୍ୟ ଅନୁରୂପଭାବେ ଗୋଁଣ୍ଡ ସମ୍ପ୍ରଦାୟର ପ୍ରତିନିଧିମାନେ କେତେକ ଜରୁରୀ ପ୍ରସଙ୍ଗ ଉପରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ପୂର୍ବରୁ ଏହି ମହାଧିବେଶନରେ ଯେଉଁ ସବୁ ପ୍ରସ୍ତାବ ପାରିତ ହୋଇଛି, ସେଥି ମଧ୍ୟରୁ ଅଧିକାଂଶ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପୂରଣ ହୋଇନାହିଁ । ସେସବୁ ସମସ୍ୟାର ପୂର୍ଣ୍ଣ ସମାଧାନ ହେବା ଜରୁରୀ ବୋଲି ସେ କହିଥିଲେ ।

# PRESS CLIPINGS

**NEWS PAPER** ପ୍ରଗତିବାଦୀ ୯ **DATE**

+ ଗୁରୁବାର, ଭୁବନେଶ୍ୱର
+ ଜାନୁଆରୀ ୫, ୨୦୧୭

## ୧୨ରୁ ଜାତୀୟ ଗୋଁଣ୍ଡ ମହାସଭା

**ଭୁବନେଶ୍ୱର,୪।୧(ପିଏନଏସ):** ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ପକ୍ଷରୁ ତ୍ରି-ଦିବସୀୟ ରାଷ୍ଟ୍ରୀୟ ମହାଧିବେଶନ ଆସନ୍ତା ୧୨ ତାରିଖରୁ କର୍ଣ୍ଣାଟକର ରାୟଚୁର ଜିଲ୍ଲା ଅନ୍ତର୍ଗତ କନକ ଗୁରୁ ପୀଠରେ ଅନୁଷ୍ଠିତ ହେବ। ଏହା ମହାଧିବେଶନରେ ସମଗ୍ର ଦେଶରୁ ପ୍ରାୟ ୧୦ଲକ୍ଷ ଗୋଁଣ୍ଡା ସମ୍ପ୍ରଦାୟ ଲୋକ ଯୋଗ ଦେଉଥିଲାବେଳେ ଓଡ଼ିଶାରୁ ପାଞ୍ଚ ହଜାରରୁ ଅଧିକ ଲୋକ ଯୋଗଦେବେ। ଏହି ଅବସରରେ ଓଡ଼ିଆ ଲୋକ ସଙ୍ଗୀତ ସୁନାମ ଧନ୍ୟ କଣ୍ଠ ଶିଳ୍ପୀ ଭବାନୀ ଶଙ୍କରଙ୍କୁ ମହାରାଜା ଚକ୍ରଧର ସିଂହ ସମ୍ମାନିତ କରାଯିବ ବୋଲି ମହାସଭାର ଓଡ଼ିଶା ପ୍ରଦେଶ ଅଧକ୍ଷ ମହେନ୍ଦ୍ର ନାଏକ କହିଛନ୍ତି।

# PRESS CLIPINGS

**NEWS PAPER** ଅମୃତ ଦୁନିଆ THE AMRUTA DUNIA

**DATE** ପୃଷ୍ଠା - ୩

୫ ଜାନୁଆରୀ ୨୦୧୭

## ୧୨ ରୁ ଜାତୀୟ ଗୋଁଣ୍ଡ ମହାସଭା

ଭୁବନେଶ୍ୱର, (ବ୍ୟୁରୋ): ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ପକ୍ଷରୁ ୩ ଦିନିଆ ରାଷ୍ଟ୍ରୀୟ ମହାଅଧିବେଶନ ଆସନ୍ତା ୧୨ ତାରିଖରୁ ଅନୁଷ୍ଠିତ ହେବ। କର୍ଣ୍ଣାଟକର ରାୟଚୁର ଜିଲ୍ଲାରେ ଏହା ଅନୁଷ୍ଠିତ ହେବ ବୋଲି ଗୋଁଣ୍ଡ ସମ୍ପ୍ରଦାୟର ଓଡ଼ିଶା ପ୍ରଦେଶ ଅଧ୍ୟକ୍ଷ ମହେନ୍ଦ୍ର ନାୟକ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ଏହି ମହାଅଧିବେଶନରେ ସମଗ୍ର ଦେଶରୁ ୧୦ ଲକ୍ଷ ଗୋଁଣ୍ଡ ସମ୍ପ୍ରଦାୟ ଲୋକ ଯୋଗ ଦେବେ। ଓଡ଼ିଶାରୁ ଏଥିରେ ୫ ହଜାର ଲୋକ ଯୋଗ ଦେବେ। ଏହି ଅବସରରେ ଓଡ଼ିଆ ଲୋକ ସଙ୍ଗୀତର ସୁନାମଧନ୍ୟ କଣ୍ଠଶିଳ୍ପୀ ଭବାନୀଶଙ୍କରଙ୍କୁ ମହାରାଜା ଚକ୍ରଧର ସିଂ ପୋର୍ତେ ଜାତୀୟ ସମ୍ମାନରେ ସମ୍ମାନିତ କରାଯିବ।

# PRESS CLIPINGS

*NEWS PAPER* ନିତିଦିନ NITIDIN
ଗୁରୁବାର, ୫ ଜାନୁଆରୀ ୨୦୧୭

*DATE* ୧୦

## ୧୨ରୁ ଜାତୀୟ ଗୋଁଣ୍ଡ ମହାସଭା

ଭୁବନେଶ୍ୱର,୪।୧/ଏନ୍ଏନ୍ଏସ୍: ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ପକ୍ଷରୁ ତିନିଦିନିଆ ରାଷ୍ଟ୍ରୀୟ ମହାସଭା ଆସନ୍ତା ୧୨ତାରିଖରେ କର୍ଣ୍ଣାଟକର ରାୟଚୁର ଜିଲ୍ଲା ଅନ୍ତର୍ଗତ କନକ ଗୁରୁ ପୀଠରେ ହେବ। ଏଥିରେ ସମଗ୍ର ଦେଶରୁ ପ୍ରାୟ ୧୦ଲକ୍ଷ ଗୋଁଣ୍ଡ ସମ୍ପ୍ରଦାୟ ଲୋକ ଯୋଗ ଦେଉଥିବା ବେଳେ ଓଡ଼ିଶାରୁ ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ଲୋକ ସାମିଲ୍ ହେବେ। ଏହି ଅବସରରେ ଓଡ଼ିଆ ସଙ୍ଗୀତ କଣ୍ଠଶିଳ୍ପୀ ଭବାନୀ ଶଙ୍କରଙ୍କୁ 'ମହାରାଜା ଚକ୍ରଧର ସିଂହ ପୋର୍ତେ' ଜାତୀୟ ସମ୍ମାନରେ ସମ୍ମାନିତ କରାଯିବ ବୋଲି ମହାସଭାର ଓଡ଼ିଶା ପ୍ରଦେଶ ଅଧ୍ୟକ୍ଷ ମହେନ୍ଦ୍ର ନାୟକ ସୂଚନା ଦେଇଛନ୍ତି। ଓଡ଼ିଶାରେ ୨୦ଟି ଜିଲ୍ଲାରେ ପ୍ରାୟ ୨୫ ଲକ୍ଷ ଗୋଁଣ୍ଡ ସମ୍ପ୍ରଦାୟର ଲୋକେ ବସବାସ କରୁଛନ୍ତି।

# PRESS CLIPINGS

**NEWS PAPER** ଓଡ଼ିଶା ଭାସ୍କର **DATE**

ଗୁରୁବାର, ଜାନୁଆରୀ ୫, ୨୦୧୭ ଓଡ଼ିଶା ଭାସ୍କର, ପୃଷ୍ଠା-୯

## ଓଡିଆ କଣ୍ଠଶିଳ୍ପୀ ଭବାନୀ ଶଙ୍କରଙ୍କୁ ଜାତୀୟ ସମ୍ମାନ

ଭୁବନେଶ୍ୱର, (ଆପ୍ର) : ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ପକ୍ଷରୁ ତ୍ରିଦିବସିୟ ରାଷ୍ଟ୍ରୀୟ ମହାଧିବେଶନ ଆସନ୍ତା ୧୨ ତାରିଖରୁ କର୍ଣ୍ଣାଟକର ରାୟଚୁର ଜିଲ୍ଲା ଅନ୍ତର୍ଗତ କନକ ଗୁରୁ ପୀଠରେ ଅନୁଷ୍ଠିତ ହେବ। ଏହି ମହାଧିବେଶନରେ ସମଗ୍ର ଦେଶରୁ ପ୍ରାୟ ୧୦ ଲକ୍ଷ ଗୋଁଣ୍ଡ ସମ୍ପ୍ରଦାୟ ଲୋକ ଯୋଗ ଦେଉଥିଲାବେଳେ ଓଡିଶାରୁ ୫ ହଜାରରୁ ଅଧିକ ଲୋକ ଯୋଗ ଦେବେ। ଏହି ଅବସରରେ ଓଡିଆ ଲୋକ ସଙ୍ଗୀତ ସୁନାମ ଧନ୍ୟ କଣ୍ଠ ଶିଳ୍ପୀ ଭବାନୀ ଶଙ୍କରଙ୍କୁ ମହାରାଜା ଚକ୍ରଧର ସିଂହ ପୋର୍ତ୍ତେ ଜାତୀୟ ସମ୍ମାନରେ ସମ୍ମାନୀତ କରାଯିବ। ଏହି ସୂଚନା ଦେଇଛନ୍ତି ମହାସଭାର ଓଡିଶା ପ୍ରଦେଶ ଅଧ୍ୟକ୍ଷ ମହେନ୍ଦ୍ର ନାଏକ। ଗଣମାଧ୍ୟମ ପ୍ରତିନିଧିଙ୍କୁ ଶ୍ରୀ.ନାଏକ କହିଥିଲେ, ସର୍ବ ଭାରତୀୟ ସ୍ତରରେ ପ୍ରାୟ ଅଢେଇ କୋଟିରୁ ଅଧିକ ଗୋଁଣ୍ଡ ସମ୍ପ୍ରଦାୟ ଲୋକ ବସବାସ କରୁଛନ୍ତି। ଓଡିଶାରେ ମଧ୍ୟ ପ୍ରାୟ ୨୫ ଲକ୍ଷ ଲୋକ କୋଡିଏଟି ଜିଲ୍ଲାରେ ବସବାସ କରୁଛନ୍ତି। ଏହି ପ୍ରାଚୀନ ଆଦିବାସୀ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏମାନେ ନିଜର ହକ୍ ପାଇଁ ପ୍ରତି ବର୍ଷ ଏକ ଜାତୀୟ ମହାଧିବେଶନ ଜରିଆରେ ହୋଇଥାନ୍ତି। ଚଳିତ ବର୍ଷ ମଧ୍ୟ ଅନୁରୂପ ଭାବେ ଗୋଁଣ୍ଡ ସମ୍ପ୍ରଦାୟର ପ୍ରତିନିଧିମାନେ କେତେକ ଜରୁରୀ ପ୍ରସଙ୍ଗ ଉପରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ପୂର୍ବରୁ ଏହି ମହାଧିବେଶନରେ ଯେଉଁ ସବୁ ପ୍ରସ୍ତାବ ପାରିତ ହୋଇଛି, ସେଥି ମଧ୍ୟରୁ ଅଧିକାଂଶ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପୂରଣ ହୋଇନାହିଁ। ସେ ସବୁ ସମସ୍ୟାର ପୂର୍ଣ୍ଣ ସମାଧାନ ହେବା ଜରୁରୀ ବୋଲି ସେ କହିଥିଲେ।